

To ensure your copy call 9861954260
www.thesakala.com
twitter.com/thesakala
facebook.com/sakala
thesakal0@gmail.com,thesakala@hotmail.com

ସକାଳ
THE SAKALA
ପ୍ରତିଷ୍ଠାତା: ହୃଦାନନ୍ଦ ମଲ୍ଲିକ

ଲାଲୁ ଅସୁସ୍ଥ ଏମ୍ସରେ ଭର୍ତ୍ତି

R.N.I. No.-42041/83 Vol-15, Issue No.314, ଭଦ୍ରକ, ରବିବାର, ୨୦, ମଇ ୨୦୧୮ ■ Bhadrak, Sunday, 20 May 2018 Rs. 2.00 Pages-8

ବିଶ୍ୱାସ ପୂର୍ବରୁ ବିଦାୟ

ଅଢ଼େଇ ଦିନର ମୁଖ୍ୟମନ୍ତ୍ରୀ

- ୟେଦୁରପ୍ପାଙ୍କ ବହୁମତ ଯୋଗାଡ଼ରେ ବିଫଳ
- ବହୁମତ ପରୀକ୍ଷଣ ପୂର୍ବରୁ ୟେଦୁଙ୍କ ଇସ୍ତଫା
- ସଫଳ ହେଲା କଂଗ୍ରେସ-ଜେଡିଏସ ରଣନୀତି
- ସୋମବାର ୧୨ରୁ ୧ଟା ମଧରେ ଶପଥ ଗ୍ରହଣ
- ଅସାଧୁମେଣ୍ଟ ବେଶିଦିନ ଟିକ୍ସିବ ନାହିଁ : ଅମିତ୍ ଶାହା
- ୧୫ ଦିନରେ ଆସ୍ଥା ଭୋଟ ଲୋଡିବେ କୁମାର ସ୍ୱାମୀ
- ଜେଡିଏସ୍‌ର ପାଖରେ ୧୧୭ ବିଧାୟକ

ବେଙ୍ଗାଲୁରୁ, ୧୯।୫ : ମୁଖ୍ୟମନ୍ତ୍ରୀ ପଦରୁ ବିଏସ ୟେଦୁରପ୍ପାଙ୍କ ଇସ୍ତଫା ପରେ ଜେଡିଏସ ନେତା ଏଚ.ଡି. କୁମାରସ୍ୱାମୀ ମେ ୨୧ରେ ଶପଥ ନେବେ । ୟେଦୁରପ୍ପା ଶକ୍ତି ପରୀକ୍ଷଣ ପୂର୍ବରୁ ଦୁଇ ଦିନ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ପଦରେ ରହିବା ପରେ ଶନିବାର ଇସ୍ତଫା ଦେଇଛନ୍ତି । ଏବେ କୁମାରସ୍ୱାମୀ କଂଗ୍ରେସର ୭୮ ବିଧାୟକଙ୍କ ସମର୍ଥନରେ ସରକାର ଗଠନ କରିବେ । ସେ ଦୁଇଟି ସିଟରୁ ନିର୍ବାଚନ ଲଢି ବିଜୟୀ ହୋଇଥିଲେ । ଏବେ ସେ ଗୋଟିଏ ସିଟ୍ ଛାଡ଼ିବାକୁ ପଡ଼ିବ । ଏବେ କୁମାରସ୍ୱାମୀଙ୍କ ପାଖରେ ୩୬ ଜଣ ବିଧାୟକ ଅଛନ୍ତି । ବିଏସ ୟେଦୁରପ୍ପାଙ୍କ ପରି କୁମାରସ୍ୱାମୀଙ୍କୁ ରାଜ୍ୟପାଳ ବହୁମତ ସାବ୍ୟସ୍ତ ପାଇଁ ୧୫ ଦିନର ସମୟ ଦେଇଛନ୍ତି । ସେ ସୋମବାର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ । ରାଜ୍ୟପାଳଙ୍କୁ ଭେଟିବା ପରେ କୁମାରସ୍ୱାମୀ ମିଡିଆକୁ କହିଛନ୍ତି ଯେ ବହୁମତ ସାବ୍ୟସ୍ତ ପାଇଁ ଆମ ପାଖରେ ପର୍ଯ୍ୟାପ୍ତ ବିଧାୟକ ଅଛନ୍ତି ଏବଂ ସବୁ ବିଧାୟକ ଶପଥ ଗ୍ରହଣ ସମାରୋହରେ ଯୋଗ ଦେବେ । ସମସ୍ତଙ୍କ ସହ ଆଲୋଚନା ପରେ ମନ୍ତ୍ରିମଣ୍ଡଳର ଗଠନ କରାଯିବ । ସେ କହିଛନ୍ତି ରାଜ୍ୟପାଳଙ୍କ ପକ୍ଷରୁ ଡକାଯିବା ପରେ ଆମେ ସରକାର ଗଠନ ପାଇଁ ଦାବି ଉପସ୍ଥାପନ କଲୁ । ସୋମବାର ୧୨ଟାରୁ ୧ଟା ଭିତରେ ଶପଥ ଗ୍ରହଣ ସମାରୋହ ଆୟୋଜିତ ହେବ । ଏଥିରେ ସମସ୍ତ ଆଞ୍ଚଳିକ ଦଳର ନେତାଙ୍କୁ ନିମନ୍ତ୍ରଣ କରାଯାଇଛି । କଂଗ୍ରେସ ନିର୍ବାଚନ ପରିଣାମ ସାମ୍ନାକୁ ଆସିବା ପରେ ପରାଜୟ ସ୍ୱୀକାର କରି ନେଇଥିଲା ଏବଂ ସରକାର ଗଠନ ପାଇଁ ଜେଡିଏସ ସହିତ ସଂପର୍କ କରିଥିଲା । ଏହା ପରେ ଉଭୟ ଦଳ ମଧ୍ୟରେ ମେଣ୍ଟ ହୋଇଥିଲା । ଉଭୟ ଦଳ କୁମାରସ୍ୱାମୀଙ୍କୁ ମୁଖ୍ୟମନ୍ତ୍ରୀ କରିବା ନେଇ ମଧ ସହମତି ପ୍ରକାଶ କରିଥିଲେ । ଆଜି ୟେଦୁରପ୍ପାଙ୍କ ଇସ୍ତଫା ପରେ ନିର୍ବାଚନ ଫଳାଫଳ ପରେ ରାଜ୍ୟରେ ଜାରି ରାଜନୈତିକ ହଟଚମଟରେ ଯବନିକା ପଡିଛି । ଜେଡିଏସ ନେତା ଏଚଡି କୁମାରସ୍ୱାମୀ ଶନିବାର ସନ୍ଧ୍ୟାରେ କର୍ଣ୍ଣାଟକର ରାଜ୍ୟପାଳ ଭଜୁଭାଇ ବାଲାଙ୍କୁ ଭେଟି ସରକାର ଗଠନ ପାଇଁ ଦାବି ଉପସ୍ଥାପନ କରିଛନ୍ତି । ବିଜେପି ଗୃହରେ ବହୁମତ ସାବ୍ୟସ୍ତ ପାଇଁ ୧୧୨ ବିଧାୟକଙ୍କ ସମର୍ଥନ ଯୋଗାଡ଼ କରିବା ବହୁତ ବଡ଼ ଚ୍ୟାଲେଞ୍ଜ ଏହି ପରି ବିରୋଧୀଙ୍କ ପାଖରେ ୧୧୭ ସିଟ୍ ସହିତ ରହିଛି ବୋଲି ଜଣାପଡିଛି । ପ୍ରକାଶଥାଉକି ଚଳିତ ନିର୍ବାଚନରେ ବିଜେପିକୁ ପରାଜିତ କରିବା ପାଇଁ ଜେଡିଏସ୍ ସମସ୍ତ ଶକ୍ତି ଖଟାଇଥିଲା । ଏପରିକି କୁମାର ସ୍ୱାମୀ ନିଜ ସମର୍ଥକଙ୍କୁ କହିଥିଲେ ମୋ ପାର୍ଟିକୁ ସମସ୍ତେ ଭୋଟ ଦିଅନ୍ତୁ । ମାତ୍ର ନିର୍ବାଚନରେ ଜେଡିଏସ୍‌ର ପ୍ରଦର୍ଶନୀ ସେତେ ଭଲ ନଥିଲା । ବିଜେପିକୁ ନିର୍ବାଚନରେ ବହୁମତ ମିଳିଥିଲେ ମଧ ସରକାର ଗଠନ କରିବାରେ ସଫଳ ହୋଇପାରିନାହିଁ ।

ଥିଲା । ଅନ୍ୟପକ୍ଷରେ କଂଗ୍ରେସ-ଜେଡିଏସ ନିଜର ଜଣ ଜଣ କରି ସବୁ ବିଧାୟକଙ୍କ ଉପରେ କଡ଼ା ନଜର ରଖିଥିଲା ଏବଂ ପୁରା ମାମଲା ଉପରେ ସୁପ୍ରିମକୋର୍ଟ ନଜର ରଖିଥିଲେ । କର୍ଣ୍ଣାଟକରେ କଂଗ୍ରେସ ଓ ଜେଡିଏସ ଅଲଗା ଅଲଗା ନିର୍ବାଚନ ଲଢିଥିଲେ । ମାତ୍ର ଫଳାଫଳ ପରେ ଦୁଇ ପାର୍ଟି ହାତ ମିଳାଇ ନେଇଛନ୍ତି । କଂଗ୍ରେସର ୭୮, ଜେଡିଏସର ୩୭ ଓ ବସପାର ଜଣେ ବିଧାୟକଙ୍କୁ ମିଶାଇ ଏବେ ବିରୋଧୀଙ୍କ ପାଖରେ ରହିଛି ୧୧୬ ଜଣ ବିଧାୟକ । ଏହା ବ୍ୟତୀତ ଜଣେ ନିର୍ଦ୍ଦଳୀୟ ବିଧାୟକ ମଧ ବିରୋଧୀଙ୍କୁ ସମର୍ଥନ ଦେଉଛନ୍ତି ।

ବାଜପେୟୀଙ୍କ ଅନୁକରଣ

ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କୁ । ୧୯୯୬ ମସିହାରେ ବିଜେପିର ୧୩ ଦିନିଆ ସରକାରକୁ ଏଭଳି ଏକ ପରିସ୍ଥିତିରେ ବିଦାୟ ନେବାକୁ ପଡିଥିଲା । ୧୯୯୬ ସାଧାରଣ ନିର୍ବାଚନରେ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏକୁ ୧୬୧ଟି ଆସନ ମିଳିଥିବାବେଳେ କଂଗ୍ରେସକୁ ମିଳିଥିଲା ୧୪୦ଟି ଆସନ । ଏକକ ସଂଖ୍ୟାଗରିଷ୍ଠ ଦଳ ଭାବେ ଏନ୍‌ଡିଏ ଅଟଳ ବିହାରୀ ବାଜପାୟୀଙ୍କ ନେତୃତ୍ୱରେ କେନ୍ଦ୍ରରେ ସରକାର ଗଠନ କରିବାର ୧୩ ଦିନ ପରେ କଂଗ୍ରେସ ଲୋକସଭାର ତୃତୀୟ ବୃହତ ଦଳ ଜନତା ଦଳକୁ ସରକାର ଗଠନ କରିବାକୁ ସମର୍ଥ କରିଥିଲା । ଫଳରେ ଏଚ୍.ଡି ଦେବେଗୌଡା ପ୍ରଧାନମନ୍ତ୍ରୀ ହେବା ସହ ବାଜପାୟୀ ସରକାରର ୧୩ ତମ ଦିନରେ ପତନ ଘଟିଥିଲା । ସେଦିନ ଲୋକସଭାରେ ଆସ୍ଥାଭୋଟ୍ ଲୋଡିବା ପୂର୍ବରୁ ତତ୍କାଳୀନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଭାବଗର୍ଭକ ଅଭିଭାଷଣ **(ପୃଷ୍ଠା-୭)**

୧୦୪ ଫେଲ୍ ୩୮ ପାସ୍

କୁମାର ସ୍ୱାମୀ ବିଜୟର ସ୍ୱାଦ ଚାଖିଛନ୍ତି ।କଂଗ୍ରେସ ସହିତ ମେଣ୍ଟ କରି କର୍ଣ୍ଣାଟକରେ ସରକାର ଗଢ଼ିବାକୁ ଯାଉଛନ୍ତି । କଂଗ୍ରେସର ୭୮ ଆସନ ସହିତ ନିଜର ୩୮ ଆସନ ସହିତ ୧୧୭ ବିଧାୟକଙ୍କୁ ନେଇ ସରକାର ଗଢ଼ିବେ । ଏହି ନିର୍ବାଚନ ପରୀକ୍ଷାରେ ବିଜେପିକୁ ପରାସ୍ତ କରି ସରକାର ଗଠନ କରିବାରେ ସଫଳ ହୋଇପାରିଛନ୍ତି । କୁମାରସ୍ୱାମୀ କର୍ଣ୍ଣାଟକ କିଙ୍ଗମେକରରୁ କିଙ୍ଗ୍ ହୋଇଛନ୍ତି । ଅନ୍ୟପକ୍ଷରେ ବାପାଙ୍କ ଆଦର୍ଶରେ ନିଜକୁ ଗଢ଼ିଥିବା ମକୁମାର ସ୍ୱାମୀ ମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି । ଜଣେ ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ପୁତ୍ର । ବାପା ଯେପରି ଦେଶକୁ ସୁସଙ୍ଗଠିତ ଭାବେ ଚଳାଇଥିଲେ ପୁଅ ସେଭଳି ରାଜ୍ୟକୁ ସୁସଙ୍ଗଠିତ ଭାବେ ଚଳାଇବେ । ରାଜ୍ୟରେ ଲାଗିରହିଥିବା ଉନ୍ମୋ ବାତାବରଣରେ ପୂର୍ଣ୍ଣଛେଦ ପଡିବାକୁ ଯାଉଛି । କୁମାରସ୍ୱାମୀ ଆସନ୍ତା ସୋମବାର ଦିନ ଶପଥ ଗ୍ରହଣ କରିବେ ।

ନୟାଗଡ ସର୍ବାଧିକ, ଗଜପତି ସର୍ବନିମ୍ନ

- ପାସ୍ ହାର ୭୬.୯୮ ପ୍ରତିଶତ
- ପ୍ରକାଶ ପାଇଲା ଯୁକ୍ତ ୨ ବିଜ୍ଞାନ ରେଜଲ୍ଟ

ଭୁବନେଶ୍ୱର,୧୯।୫(ସକାଳଖବର) : ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସଇ) ଦ୍ୱାରା ପରିଚାଳିତ ଯୁକ୍ତ ଦୁଇ ବିଜ୍ଞାନ ବିଭାଗ ପରୀକ୍ଷା ଫଳ ପ୍ରକାଶ ପାଇଛି । ଚଳିତ ବର୍ଷ ପାସ୍ ହାର ୭୬.୯୮ ପ୍ରତିଶତ ରହିଛି , ଯାହାକି ଗତବର୍ଷ ରେଜଲ୍ଟ ଠାରୁ କମ୍ । ଗତବର୍ଷ ପାସ୍ ହାର ୮୧.୧୧ ପ୍ରତିଶତ ରହିଥିଲା। ଚଳିତ ବର୍ଷ ମୋଟ ୯୫,୦୯୬ ଜଣ ଛାତ୍ରଛାତ୍ରୀ ବିଜ୍ଞାନ ପରୀକ୍ଷା ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୭୩,୨୧୧ ଜଣ କୃତକାର୍ଯ୍ୟ ହୋଇଛନ୍ତି। ପ୍ରଥମ ଶ୍ରେଣୀରେ ୧୯, ୫୬୧ , ଦ୍ୱିତୀୟ ଶ୍ରେଣୀରେ ୨୪, ୧୬୪ ଓ ତୃତୀୟ ଶ୍ରେଣୀରେ ୨୯,୯୬୮ ଜଣ ପାସ୍ କରିଛନ୍ତି। ଛାତ୍ରୀଙ୍କ ଠାରୁ ଛାତ୍ରଙ୍କ ପାସ୍ ହାର ଅଧିକ ରହିଛି। ସେହିପରି ନୟାଗଡ ଜିଲ୍ଲାରେ ସର୍ବାଧିକ ପାସ୍ ହାର ରହିଥିବା ବେଳେ ଗଜପତି ଜିଲ୍ଲାରେ ସର୍ବନିମ୍ନ ରହିଛି ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ବଦ୍ରି ନାରାୟଣ ପାତ୍ର ପ୍ରକାଶ କରିଛନ୍ତି । ଅପରପକ୍ଷେ ବାଣିଜ୍ୟ, କଳା ଏବଂ ଧନ୍ଦାମୂଳକ ଶିକ୍ଷା ବିଭାଗର ପରୀକ୍ଷା ଫଳ ଜୁନ୍ ପ୍ରଥମ ସପ୍ତାହ ସୁଦ୍ଧା ବାହାରିବ ବୋଲି ପରିଷଦର ଉପ ପରୀକ୍ଷା ନିୟନ୍ତ୍ରକ ପ୍ରବୋଧ କୁମାର ପଣ୍ଡା କହିଛନ୍ତି।

ଶନିବାର ପୂର୍ବାହ୍ନ ୧୧ଟାରେ ପରିଷଦ କାର୍ଯ୍ୟାଳୟରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ର ପରୀକ୍ଷା ଫଳ ଘୋଷଣା କରିଛନ୍ତି। ସେ କହିଛନ୍ତି ଯେ ଚଳିତ ବର୍ଷ ମୋଟ ୯୫,୦୯୬ ଜଣ ଛାତ୍ରଛାତ୍ରୀ ବିଜ୍ଞାନ ପରୀକ୍ଷା ଦେଇଥିଲେ। ଏଥିମଧ୍ୟରେ ରେଗୁଲାର ଛାତ୍ରଛାତ୍ରୀଙ୍କ ସଂଖ୍ୟା ୬୮ ହଜାର ୩୭୧ ଜଣ ହୋଇଥିବା ବେଳେ ଏକ୍ସ ରେଗୁଲାରଙ୍କ ସଂଖ୍ୟା ୪,୮୪୦ । ଗତବର୍ଷ ତୁଳନାରେ ଏଥର ପାସ୍ ହାର କମିଛି। ଗତ ଥର ଯୁକ୍ତ ଦୁଇ ବିଜ୍ଞାନରେ ପାସ୍ ହାର ୮୧.୧୧% ପ୍ରତିଶତ ରହିଥିବା ବେଳେ ଚଳିତ ବର୍ଷ ପାସ୍ ହାର ୭୬.୯୮% ରହିଛି। ଅର୍ଥାତ୍ ପାସ୍ ହାର ୪.୧୩% କମିଛି। ଏଥର ମୋଟ ୯୫,୦୯୬ ଜଣ ପିଲା ପରୀକ୍ଷା ଦେଇଥିବା ବେଳେ ୭୩,୨୧୧ ଜଣ କୃତକାର୍ଯ୍ୟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୧୯, ୫୬୧ ପିଲା ପାସ୍ କରିଛନ୍ତି। ଦ୍ୱିତୀୟ ଶ୍ରେଣୀରେ ୨୪, ୧୬୪ ପିଲା ପାସ୍ କରିଥିବା ବେଳେ ତୃତୀୟ ଶ୍ରେଣୀରେ ୨୮,୯୬୮ ଜଣ ପାସ୍ କରିଛନ୍ତି। ଏଥର ଛାତ୍ରୀଙ୍କ ଅପେକ୍ଷା ଛାତ୍ରଙ୍କ ପାସ୍ ହାର ଅଧିକ ରହିଛି। ମୋଟ ୪୨,୮୮୬ ଜଣ ଛାତ୍ର ପାସ୍ କରିଥିବା ବେଳେ ୩୦,୩୨୫ ଜଣ ଛାତ୍ରୀ ପାସ୍ କରିଛନ୍ତି। ମୋଟ ୪୧ ଛାତ୍ରଛାତ୍ରୀ ୯୦%ରୁ ଅଧିକ ନମ୍ବର ରଖିଛନ୍ତି। ଏଥିରେ ବି ଛାତ୍ର ଆଗରେ ରହିଛନ୍ତି। କାରଣ ଏହି ୪୧ ଜଣଙ୍କ ମଧ୍ୟରେ ୨୮ ଜଣ ଛାତ୍ର ଥିଲା ବେଳେ ୧୩ ଜଣ ଛାତ୍ରୀ ଅଛନ୍ତି। ସେହିପରି ୮୦ ପ୍ରତିଶତ କିମ୍ବା ତଦୂର୍ଦ୍ଧ୍ୱ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ୧.୫୭୦ । ଏମାନଙ୍କ ମଧ୍ୟରେ ୧୦୩୦ ଜଣ ଛାତ୍ର ଓ ୫୪୦ ଜଣ ଛାତ୍ରୀ ଅନ୍ତର୍ଭୁକ୍ତ । ସେହିପରି ୭୦ ପ୍ରତିଶତ ଓ ତଦୂର୍ଦ୍ଧ୍ୱ ନମ୍ବର ରଖି ମୋଟ ୭୦୪୩ ଜଣ ଛାତ୍ରଛାତ୍ରୀ ଉତୀର୍ଣ୍ଣ ହୋଇଛନ୍ତି । ଏମାନଙ୍କ ମଧ୍ୟରେ ୪୩୧୭ ଜଣ **(ପୃଷ୍ଠା-୭)**

ପ୍ରଣବ ଜ୍ୟୋତି ନାଥ ଶିଳ୍ପ ବିଭାଗର ନିର୍ଦ୍ଦେଶକ

ଭୁବନେଶ୍ୱର, ୧୯।୫(ସକାଳଖବର) : ରାଜ୍ୟ ସରକାର ବରିଷ୍ଠ ଆଇଏଏସ କ୍ୟାଡ଼ରର ଏକ ଛୋଟ ଧରଣର ପରିବର୍ତ୍ତନ କରିଛନ୍ତି । ଅନୁ ଗର୍ଗଙ୍କୁ ମହିଳା ଓ ଶିଶୁ କଲ୍ୟାଣ ଓ ମିଶନ ଶକ୍ତିର ଅତିରିକ୍ତ ଦାୟିତ୍ୱ ଦିଆଯାଇଥିଲା ବେଳେ ଚିତ୍ରା ଅରୁମୁଗମଙ୍କୁ ଯୋଜନା ଓ ସଂଯୋଜନା ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ଅବସ୍ଥାପିତ କରାଯାଇଛି । ଏହା ବ୍ୟତୀତ ପ୍ରଣବ ଜ୍ୟୋତି ନାଥଙ୍କୁ ଶିଳ୍ପ ବିଭାଗର ନିର୍ଦ୍ଦେଶକ ଭାବେ ଅବସ୍ଥାପିତ କରାଯାଇଥିଲା ବେଳେ ସ୍ମୃତି ରଞ୍ଜନ ପ୍ରଧାନଙ୍କୁ ଏନଆରଏଲଏମ ର ନିର୍ଦ୍ଦେଶକ ଭାବେ ଅବସ୍ଥାପିତ କରାଯାଇଛି । ଏ ସମ୍ପର୍କରେ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ପ୍ରକାଶ ପାଇଥିବା ବିଜ୍ଞପ୍ତିରୁ ଜଣାଯାଇଛି ।

ବରିଷ୍ଠ ଆଇଏଏସ କ୍ୟାଡ଼ରର ଏକ ଛୋଟ ଧରଣର ଅଦଳବଦଳ

ଟ୍ରକ୍ ଓଲଟି ୧୯ ମୃତ ସାତ ଆହତ

ଗୁଜରାଟ, ୧୯।୫(ସକାଳଖବର) : ଆଜି ଗୁଜରାଟର ଅନ୍ତର୍ଗତ ଭାବନଗର-ଅହମଦାବାଦ ରାଜପଥ ଅଞ୍ଚଳର ବାଓ୍ୱାଲି ଗ୍ରାମ ନିକଟରେ ଗୋଟାଏ ଟ୍ରକ୍ ଓଲଟି ପଡିବାରୁ ପ୍ରାୟ ୧୯ ଜଣ ଲୋକଙ୍କର ମୃତ୍ୟୁ ଘଟିବା ସହ ଅନ୍ୟ ସାତ ଜଣ ଆହତ ହୋଇଛନ୍ତି । ସିମେଣ୍ଟ ବୋହି ନେଉଥିବା ଉକ୍ତ ଟ୍ରକ୍‌ରେ ଲୋକମାନେ ବସି ଯାତ୍ରା କରୁଥିବା ପ୍ରକାଶଛ ଟ୍ରକ୍‌ଟି ରାତି ପ୍ରାୟ ସାଢ଼େ ଦୁଇଟା ବେଳେ ଓଲଟି ପଡ଼ିବା ପରେ ନୟନଯୋଡ଼ିରେ ପଡିଯାଇଥିଲା । ସ୍ଥାନୀୟ ପୁଲିସ **(ପୃଷ୍ଠା-୭)**

୨୬ରେ ଓଡ଼ିଶା ଆସିବେ ମୋଦି

ଭୁବନେଶ୍ୱର,୧୯।୫(ସକାଳଖବର) : ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଆସନ୍ତା ମଇ ୨୬ ତାରିଖରେ ଓଡ଼ିଶା ଗସ୍ତରେ ଆସିବେ। କେନ୍ଦ୍ର ସରକାରଙ୍କ ୪ ବର୍ଷ ପୂର୍ତ୍ତି ଅବସରରେ ସେ ଓଡ଼ିଶା ଆସୁଥିବ । ଜଣାପଡ଼ିଛି। ଏହି ଅବସରରେ ସେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବାର ଯୋଜନା ରହିଛି। ୨୬ ତାରିଖରେ କଟକ ବାଲିଯାତ୍ରା ପଡିଆ ଠାରେ ଆୟୋଜିତ ହେବାକୁ ଥିବା ଏକ ବିଶାଳ ସମାବେଶରେ ପ୍ରଧାନମନ୍ତ୍ରୀ ଯୋଗ ଦେଇପାରନ୍ତି। ଏନେଇ ବିଜେପିର ରାଜ୍ୟ ପ୍ରଭାରୀ ଅରୁଣ ସିଂହ ସୂଚନା ଦେଇଛନ୍ତି ।

ଶ୍ରୀ ସିଂହ କହିଛନ୍ତି ଯେ ମୋଦି ସରକାରଙ୍କର ୪ ବର୍ଷ ପୂର୍ତ୍ତି ହେବାକୁ ଯାଉଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୨୬ରେ ଓଡ଼ିଶାକୁ ଆସୁଛନ୍ତି। ସେ ଓଡ଼ିଶା ଆସିବାକୁ ଇଚ୍ଛା ପ୍ରକାଶ କରିଛନ୍ତି। ଆଉ ଆମ ଅନୁରୋଧକୁ ମଧ ରକ୍ଷା କରିଛନ୍ତି। ତାଙ୍କ ଗସ୍ତ ସମୟରେ ବିଶାଳ ଜନସମାବେଶ ଆୟୋଜନ ହେବାର କାର୍ଯ୍ୟକ୍ରମ ରହିଛି।

ଅରୁଣ ସିଂହ କହିଛନ୍ତି,ସାରା ଓଡ଼ିଶା ଯେପରି ଭାବରେ ମୋଦିମୟ ହୋଇଛି,ଆଗାମୀ ଦିନରେ ଏହାର ପ୍ରଭାବ ବହୁତ ବେଶୀ ପଡ଼ିବ। ଓଡ଼ିଶାରେ ବିଜେପି ସରକାର କରିବା ଏକ ପ୍ରକାର ସୁନିଶ୍ଚିତ। ମୋଦି ଓଡ଼ିଶାକୁ ବହୁତ ଭଲ ପାଆନ୍ତି। ତେଣୁ ମୋଦି ସବୁବେଳେ ଅନ୍ୟ ରାଜ୍ୟ ଅପେକ୍ଷା ଓଡ଼ିଶାକୁ ଅଗ୍ରାଧିକାର ଦେଇଥାନ୍ତି। ସୂଚନାଯୋଗ୍ୟ ଯେ ଗତବର୍ଷ ଏପ୍ରିଲ୍ ମାସରେ **(ପୃଷ୍ଠା-୭)**

ଡିଫେନ୍ସ ଇଣ୍ଡଷ୍ଟ୍ରି କରିଡର ଓ ଏରୋନୋଟିକାଲ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବାକୁ ପ୍ରଧାନମନ୍ତ୍ରୀଙ୍କୁ ଚିଠି

ଭୁବନେଶ୍ୱର,୧୯।୫(ସକାଳଖବର) : ଓଡିଶାରେ ଡିଫେନ୍ସ ଇଣ୍ଡଷ୍ଟ୍ରି କରିଡର ଏବଂ ଏରୋନୋଟିକାଲ(ବୈମାନିକ) ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖି ଦାବି କରିଛନ୍ତି । ଉକ୍ତ ଚିଠିରେ ମୁଖ୍ୟମନ୍ତ୍ରୀ ଦର୍ଶାଇଛନ୍ତି ଯେ ଓଡିଶାରେ ସର୍ବାଧିକ ଇସ୍ପାତ ଓ ଆଲୁମିନିୟମ ଉତ୍ପାଦନ କରାଯାଉଛି। ସେହିପରି ଏରୋସ୍ପେସ୍ ଗ୍ରେଡ୍ ର ସାମଗ୍ରୀ ମଧ୍ୟ ଉତ୍ପାଦନ କରାଯାଉଛି । ସେଲ୍ ,ଟାଟା ଷ୍ଟିଲ , ହିଣ୍ଡାଲକୋ ଏବଂ ନାଲକୋ ଏହିସବୁ ପଦାର୍ଥ ଉତ୍ପାଦନ କରୁଛନ୍ତି। ଏଠାରେ ଥିବା ହିନ୍ଦୁସ୍ଥାନ ଏରୋନୋଟିକାଲ ଲିମିଟେଡ୍ (ହାଲ୍) ଏରୋ ଇଂଜିନ୍ ଉତ୍ପାଦନ କରୁଛି। ସେହିପରି ଚାନ୍ଦିପୁରରେ ଇଂଟିଗ୍ରେଟେଡ୍ ଟେଷ୍ଟ ରେଂଜ ରହିଛି। ବାଲେଶ୍ୱରରେ ଡିଆରଡିଓର ଲାବ୍ରୋଟୋରୀ ସମେତ ବଲାଙ୍ଗୀର ସଇଁତଳାରେ ଗୋଳାବାରୁଦ କାରଖାନା ରହିଛି। ସେହିପରି ରାଜ୍ୟ ସରେକାରଙ୍କ ପାଖରେ ୧ଲକ୍ଷ ଏକର ଜମି ରହିଛି। ଏହି ସବୁ ଶିଳ୍ପ ପ୍ରତିଷ୍ଠା କରିବା ପାଇଁ ଜମିର ଅଭାବ ରହିବ ନାହିଁ । କୁଶଳୀ ମାନଙ୍କର ମଧ୍ୟ ଏଠାରେ ଅଭାବ ନାହିଁ। ଆଇଆଇଟି, ଟ୍ରିପଲ ଆଇଟି, ଏକ୍ସଆଇଏମବି, ଏନଆଇଟି , ଆଇଆଇଏମ୍ ଭଳି ପ୍ରତିଷ୍ଠାନ ମଧ୍ୟ ଏଠାରେ ରହିଛି। ତେଣୁ ଓଡିଶାରେ ଡିଫେନ୍ସ ଇଣ୍ଡଷ୍ଟ୍ରି କରିଡରେ ପ୍ରତିଷ୍ଠା କରାଯାଉ ଏବଂ ହାଲ୍ ସହାୟତାରେ ଏରୋନୋଟିକାଲ ବିଶ୍ୱବିଦ୍ୟାଳୟ ସ୍ଥାପନ କରାଯାଉ। ଏହାଦ୍ୱାରା ରାଜ୍ୟ ସରକାର ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହେବା ଏବଂ ଏରୋସ୍ପେଶ୍ ଡିଜାଇନ୍ ଓ ଉତ୍ପାଦନ କ୍ଷେତ୍ରରେ ସ୍ୱାବଲମ୍ବୀ ହୋଇପାରିବ । ଏଥିପାଇଁ ରାଜ୍ୟସରକାର ସମସ୍ତ ପ୍ରକାର ଆନୁସଙ୍ଗିକ ଭିତିଭୂମି ଯୋଗାଇ ଦେବା ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଉକ୍ତ ପତ୍ରରେ ଦର୍ଶାଇଛନ୍ତି ।

ଆକାଂକ୍ଷା ଯୋଜନାରେ ସାମିଲ ହେବ ଆଉ ୨ ଜିଲ୍ଲା

ଭୁବନେଶ୍ୱର,୧୯।୫(ସକାଳଖବର) : ଓଡିଶାର ୮ଟି ଜିଲ୍ଲାର ସମେତ ଦେଶର ୧୧୫ଟି ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ଆକାଂକ୍ଷା ଯୋଜନାରେ ରାଜ୍ୟର ଆଉ ୨ଟି ଜିଲ୍ଲାରକୁ ସାମିଲ କରାଯିବ । ନୀତି ଆୟୋଗର କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତାଭ କାନ୍ତ ପ୍ରକାଶ କରିଛନ୍ତି ।

ଶନିବାର ଦିନ ସଚିବାଳୟ ଠାରେ ରାଜ୍ୟ ସରକାରଙ୍କ ଅଧିକାରୀ ମାନଙ୍କ ସହିତ ଉକ୍ତ ଯୋଜନାର କାର୍ଯ୍ୟକାରୀତା ଉପରେ ଆଲୋଚନା କରିଥିଲେ। ଅନ୍ୟପକ୍ଷରେ ଏହି ଯୋଜନାର କାର୍ଯ୍ୟକାରୀତାରେ ସରକାରୀ ଅଧିକାରୀ ଓ ଜିଲ୍ଲାପାଳ ମାନଙ୍କ ସହାୟତା ଶତପ୍ରତିଶତ ରହିଥିବାରୁ ଅନ୍ୟାନ୍ୟ ରାଜ୍ୟ ଅପେକ୍ଷା ଓଡିଶାରେ ଭଲ କାର୍ଯ୍ୟ ହେଉଛି ବୋଲି ସେ କହିଛନ୍ତି । ଓଡିଶା ଏକ୍ଷେତ୍ରରେ ଦେଶରେ ପ୍ରଥମ ରାଜ୍ୟ ହେବ ବୋଲି ଆମର ଦୃଢ ଆଶା ରହିଛି। ବୈଠକ ପରେ ଅମିତାଭ କହିଥିଲେ ଯେ ଓଡିଶାର ୮ଟି ଜିଲ୍ଲା ଯଥା କଳାହାଣ୍ଡି , ବଲାଙ୍ଗୀର , କନ୍ଧମାଳ , ରୟଗଡା , ଗଜପତି , ଢେଙ୍କାନାଳ , କୋରାପୁଟ ଓ ମାଲକାନଗିରି ଏହି ଯୋଜନା କାର୍ଯ୍ୟକାରୀ ହେଉଛି। ରାଜ୍ୟ ସରକାରଙ୍କ ପ୍ରସ୍ତାବକ୍ରମେ ଏହି ଯୋଜନାରେ ନୂଆପଡା ଓ ନବରଙ୍ଗପୁରକୁ ସାମିଲ କରାଯିବ ।

ଏହି ବୈଠକରେ ୪୯ଟି ବିନ୍ଦୁ ଉପରେ ଆଲୋଚନା କରାଯାଇଥିଲା। ସ୍ୱାସ୍ଥ୍ୟ , ଶିକ୍ଷା କୃଷି , ଆର୍ଥିକ ଏବଂ ଭିତିଭୂମିର ବିକାଶ ଉପରେ ଆଲୋଚନା କରାଯାଇଥିଲା। ଏଣିକି ଏହି ଯୋନଜାରେ ରାଜ୍ର ଓ କେନ୍ଦ୍ର ସକାର ସମ୍ମିଳୀତ **(ପୃଷ୍ଠା-୭)**

ଭଲ ପାଇବା ଓ ଭକ୍ତି ସହିତ ଦାନ କରନ୍ତୁ

ହୁଣ୍ଡିର ଆୟ (୧୩.୫.୧୮)
୪,୫୩,୪୧୧

ସେକ୍ସ ର୍‍ୟାକେଟ୍ ଠାବ, ୮ ବିଦେଶିନୀ ଉଦ୍ଧାର

ଭୁବନେଶ୍ୱର,୧୯।୫(ସକାଳଖବର) : ରାଜଧାନୀ ଭୁବନେଶ୍ୱରରେ ପୁଣି ଏକ ସେକ୍ସ ର୍‍ୟାକେଟ୍ ଠାବ ହୋଇଛି। ଏଥର ଉଦ୍ଧାର ହୋଇଛନ୍ତି ୮ ଜଣ ଥାଇଲାଣ୍ଡ ଯୁବତୀ । ସେମାନଙ୍କ ସହ ୭ ଜଣ ଯୁବକ ମଧ୍ୟ ଗିରଫ ହୋଇଛନ୍ତି । ସ୍ପାର ମାଲିକଙ୍କ ମଧ୍ୟ ପୋଲିସ୍ ଗିରଫ କରିଛି । ଭୁବନେଶ୍ୱର ବାପୁଜୀନଗରର ଏକ ନାମିଦାମୀ ସ୍ପାରେ ର୍‍ୟାକେଟ୍ ଚାଲୁଥିବା ବେଳେ କ୍ୟାପିଟାଲ ଥାନା ପୋଲିସ୍ ଚଢାଉ କରିଥିଲା।

ବାପୁଜୀ ନଗରସ୍ଥିତ ଏକ ଜଣାଶୁଣା ସ୍ପା ସେଂଟରରେ କିଛିଦିନ ହେବ ଏକ ସେକ୍ସ ରାକେଟ ଚାଲିଥିବା ନେଇ ପୋଲିସ ଜାଣିବାକୁ ପାଇଥିଲା। ସ୍ପେଶାଲ ସ୍କ୍ୱାର୍ଡ ପୋଲିସ ଗ୍ରାହକ ସାଜି ସ୍ପା ସେଂଟରକୁ ଯାଇଥିଲା। ଏହାପରେ ଚଢଉ ଆରମ୍ଭ କରିଥିଲା। ଚଢଉ ସମୟରେ ସ୍ପା ସେଂଟରରୁ ୮ଜଣ ଥାଇଲାଣ୍ଡ ଯୁବତୀଙ୍କୁ ଉଦ୍ଧାର କରିବା ସହିତ ୭ଜଣ ଗ୍ରାହକଙ୍କୁ ପୁଲିସ ଗିରଫ କରିଥିଲା। ଘଟଣାସ୍ଥଳରୁ ଅନେକ ଆପତିଜନକ ସାମଗ୍ରୀ ମିଳିଥିବା ପୋଲିସ ସୂଚନା ଦେଇଛି। ଉଲ୍ଲେଖଯୋଗ୍ୟ, ଗତକାଲି ଗଜପତି ନଗର ଅଂଚଳରେ ଏକ ଭଡାଘରୁ ଏକ ସେକ୍ସ ରାକେଟକୁ ସହିଦନଗର ପୋଲିସ ଠାବ କରିଥିଲା। ଏହି ରାକେଟରେ ସଂଶ୍ଳିଷ୍ଟ ୨ ଜଣ ଯୁବତୀଙ୍କୁ ପୁଲିସ ଉଦ୍ଧାର କରିବା ସହିତ ରାଣୀ ମହୁମାଛି ଓ ୩ ଯୁବକଙ୍କୁ ଗିରଫ କରିଥିଲା।

ଜୋଜିଲା ସୁଡ଼ଙ୍ଗ ନିର୍ମାଣ କାର୍ଯ୍ୟ ଶୁଭାରମ୍ଭ କଲେ ମୋଦି

Dedication to the Nation
of
330 MW KISHANGANGA HYDRO POWER STATION
by
Narendra Modi
Prime Minister

ଲେହ ୧୯।୫ : ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶ୍ରୀନଗର, କାର୍ଗିଲ୍ ଏବଂ ଲେହ ମଧରେ ସବୁ ପାଗରେ ଯାତା ଯାତ କରି ହେବା ଭଳି ଜୋଜିଲା ଟନେଲ୍ କାର୍ଯ୍ୟର ଶୁଭାରମ୍ଭ କରାଇଛନ୍ତି । ଜମ୍ମୁ ଓ କଶ୍ମୀରର ତିନିଟି ଅଞ୍ଚଳ ଲେହ୍, କଶ୍ମୀର ଓ ଜମ୍ମୁକୁ ଦିନିକିଆ ଗସ୍ତରେ ଯାଇ ପ୍ରଧାନମନ୍ତ୍ରୀ ମୋଦି ଅଧ୍ୟାତ୍ମିକ ବୌଦ୍ଧ ଗୁରୁ ୧୯ତମ କୁଶୋକ ବାକୁଲା ରିମ୍ପୋଚିଙ୍କ ଜନ୍ମ ଶତବାର୍ଷିକର ସମାବର୍ତ୍ତନ ଉତ୍ସବରେ ମଧ ଯୋଗ ଦେଇଛନ୍ତି । ଜୋଜିଲା ଗିରି ପଥ ସମୁଦ୍ର ପତ୍ତନ ଠାରୁ ୧୧, ୫୭୮ ଫୁଟ୍ ଉଚ୍ଚରେ ଶ୍ରୀନଗର-କାର୍ଗିଲ୍-ଲେହ୍ ଜାତୀୟ ରାଜପଥରେ ଅବସ୍ଥିତ । ଶୀତକାଳରେ ଅତିଶୟ ତୁଷାରପାତ କାରଣରୁ ଏହି ରାସ୍ତା ବନ୍ଦ ରହୁଥିବାରୁ ସକ ପଥ ଦେଇ ଲଦାଖକୁ କଶ୍ମୀର ଠାରୁ ଅଲଗା କରିଦିଏ । ଏହି ପ୍ରକଳ୍ପରେ ୧୪. ୫ କିଲୋମିଟର୍ ଦୀର୍ଘ ଦୁଇ ଥାକିଆ ଦୁଇ ଦିଗକୁ ଯାତ୍ରା କରି ହେଉଥିବା ଟ୍ୟୁବ୍ ଟନେଲ୍ ନିର୍ମାଣ କରାଯିବ । ଆୟୋଜିତ ଉତ୍ସବରେ ମୋଦି କହିଲେ କି, ଆଜି ତିନୋଟି ଅଞ୍ଚଳରେ ଆରମ୍ଭ ହେବାକୁ ଯାଉଥିବା ୨୫୦୦୦ କୋଟି ଟଙ୍କାର ଏହି ପ୍ରକଳ୍ପ ଦର୍ଶାଉଛି ଯେ ରାଜ୍ୟର ଦ୍ରୁତ ଅଗ୍ରଗତି ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ପ୍ରତିବଦ୍ଧତା । ତାଙ୍କ ସରକାର ଗଠିତ ହେବା ପରେ ଦେଶରେ କରାଯାଇଥିବା ବିକାଶମୂଳକ କାର୍ଯ୍ୟ ସଂକ୍ରାନ୍ତରେ ମୋଦି କହିଲେ ଯେ, ସ୍ୱାଧୀନତା ପର ଠାରୁ ଦେଶର ୧୮, ୦୦୦ ଗାଁରେ ବିଜୁଳି ନ ଥିଲା । ୧୦୦୦ ଦିନ ମଧ୍ୟରେ ସେ ସବୁ ଅଞ୍ଚଳକୁ ବିଜୁଳି ସଂଯୋଗ ଦିଆଯାଉଛି ।

Óóf ê¯ÿ Üÿ{Àÿæ H fàÿæ ÉäæLÿæÀÿêZÿ {þ™æ¯ÿê dæ†ÿdæ†ÿêZÿ Óº•œÿæ

Sf¨ÿ fàÿæ Óþÿ¦ Aæ'ÿ¯ÿÓê DŸßœÿ ¨ÿÀÿ ¨ÿ

{fæ†ÿæ ¨æB fê¯ÿœÿ SÀÿæ

¾Nÿ 2 ¯ÿ j æœÿ{Àÿ LÿÓÀÿ ÓüÿÁÿ†ÿæ

œÿÀÿæ ¨^ÿæ Óº¤ÿ{Àÿ ¨¯ÿ†ÿs {ÀÿÁÿ¨$ Lÿþ`ÿæÀÿê A™Lÿ Óæ ¯ÿ™æœÿ†ÿæ A¯ÿàÿºœÿ LÿÀÿ¯ÿæ 'ÿÀÿLÿæÀÿ : þÜÿæ ¨¯ÿ¤ÿLÿ

LÿÀÿœÿæ{'ÿ¯ÿê þÜÿÀÿæ þÜÿæ ¯ÿ¿æÀÿßÀÿ ¯ÿêf þæ†ÿ

AÀÿäæ†ÿ þÜÿæÀÿ~æZÿ œÿæ†ÿ SÀÿüÿ

18 'ÿœÿ{Àÿ ¨Üÿoÿæ fàÿæ Àÿæf Ó Aþàÿæ ÓóWÀÿ Læ¾¿¯ÿ¢ÿ

AæfÿAÿ dAæ fàÿæ Óæ þSLÿ ¯ÿLæÉ ¨æB œÿ†ÿ Aæ{ßSLÿ ¨Óæ ¯ÿ ÿA ¾æBd

'ÿÍþ Aµÿ{¾æS{Àÿ 1 SÀÿüÿ

BØæ†ÿ LÿæÀÿQæœÿæÀÿ DŸ†ÿ†ÿÀÿ ¨'ÿÉœÿ{Àÿ ¨LÿÀÿ {Óàÿ D'ÿß'Àÿ {¾æS'ÿæœÿ

Óºàÿ¨ÀÿÀÿ AæSLÿ ¯ÿÞàÿæ þÜÿæœÿ'ÿê ¯ÿó A Aµÿ¾æœÿ

Printed by Amit Kumar Mallick, Published by Amit Kumar Mallick & Owned by Amit Kumar Mallick, At-Apartibindha, Bhadrak, Pin-756100, Printed at Press Webline,D-2/19 Sector, Sector-A,Zone-D, Mancheswar Industrial Estate, BBSR-751010, City Office: A/69, Unit - 3, Industrial Area, Kharvel Nagar, Bhubaneswar - 1, Ph./Fax. : (0674) 2380706, (O), E-mail address : thesakala@hotmail.com, thesakal0@gmail.com

Editor - Amit Kumar Mallick Óó¨æ'ÿLÿ : Aþ†ÿ Lÿþæ Àÿ þàÿLÿ